ପ୍ରମେୟ
THE PRAMEYA

# ଏନ୍ଆଇଏନ୍ଏଲ୍ କର୍ମଚାରୀଙ୍କ କୃତିତ୍ୱ

ଭୁବନେଶ୍ୱର,୧୬।୯(ବ୍ୟୁରୋ): କଳିଙ୍ଗ ନଗର ସ୍ଥିତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍ଆଇଏନ୍ଏଲ)ରୁ ମନୋନୀତ ହୋଇଥିବା ଦଳ ମଧ୍ୟରୁ ପାଞ୍ଚଟି ଦଳ କ୍ୱାଲିଟି କନ୍‌ସେପ୍ଟର ବିଭିନ୍ନ ସମ୍ମିଳନୀରେ ସ୍ୱର୍ଣ୍ଣ ପଦକ ଜିତି ଅଞ୍ଚଳ ତଥା କମ୍ପାନିକୁ ଗର୍ବିତ କରାଇଛନ୍ତି। କ୍ୱାଲିଟି ସର୍କଲ୍‌ର ସମ୍ମିଳନୀରେ ମନୋନୀତ ବିଭିନ୍ନ ଦଳ ନିଜ ଶିଳ୍ପସଂସ୍ଥାର ବିକାଶ



ଉଦ୍ଦେଶ୍ୟରେ ସଫଳତାର ସହ ପ୍ରୟୋଗ କରିଥିବା ସୃଜନଶୀଳତାକୁ ପ୍ରଦର୍ଶନ କରିଥାନ୍ତି। ଏନ୍ଆଇଏନ୍ଏଲ୍‌ର ଦୁଇଟି ଦଳ ଭିଲାଇ ଅଧ୍ୟାୟରେ, ଦୁଇଟି ଦଳ ରାଉରକେଲା ଅଧ୍ୟାୟରେ, ଗୋଟିଏ ଦଳ ଦୁର୍ଗାପୁର ଅଧ୍ୟାୟରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଦୁର୍ଗାପୁର ଅଧ୍ୟାୟରେ ଗୋଟିଏ ଦଳ ରୌପ୍ୟ ପଦକ ଜିତିଛନ୍ତି। କମ୍ପାନିର ମନୋନୀତ ଆଠଟି ଦଳ ମଧ୍ୟରୁ ଆଉ ଦୁଇଟି ଦଳ ବିଶାଖାପାଟଣା ଅଧ୍ୟାୟରେ ଭାଗନେବାର ଅଛି। ଦଳ ସ୍ୱର୍ଣ୍ଣ ପଦକ ଜିତିଲା ପରେ ଜାତୀୟ ସ୍ତର ପ୍ରତିଯୋଗିତାରେ ଭାଗ ନେବେ ଏବଂ ସେଠାରେ କୃତିତ୍ୱ ପରେ ଅନ୍ତର୍ଜାତୀୟ ସ୍ତରରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହେବେ।